Sarbasadharan

06.05.2021

ସର୍ବସାଧାରଣ
sarbasadharana

## କେନ୍ଦ୍ର ସାହିତ୍ୟ ଏକାଡେମୀର ଶୋକସଭା

# ମନୋଜ ଦାସ ଥିଲେ ଭାରତୀୟ ସାହିତ୍ୟର ଆଦର୍ଶ



କଟକ (ବ୍ୟୁରୋ): ମାନବ କଲ୍ୟାଣ ପାଇଁ ପ୍ରଖ୍ୟାତ ସାଧକ ମନୋଜ ଦାସଙ୍କ ସାଧନାରେ ପଟାନ୍ତର ନାହିଁ। ଭାବ ଚେତନାର ସେ ଥିଲେ ଭଗୀରଥ ପୁରୁଷ। ମନୋଜ ଦାସ ଥିଲେ ସାରସ୍ୱତ ଯାଦୁକର। ଭାରତୀୟ ସାହିତ୍ୟକୁ ସେ ଏକ ନୂତନ ଦୃଷ୍ଟିକୋଣରୁ ଆଲୋକିତ କରିଥିଲେ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଆୟୋଜିତ ୱେବିନାରରେ ମତ ପ୍ରକାଶ ପାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ଅପରାହ୍ନରେ ଏକ ଶ୍ରଦ୍ଧାଞ୍ଜଳି ସଭା ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସୂଚନା ପ୍ରଦାନ କରି ସାହିତ୍ୟ ଏକାଡେମୀର ସଦସ୍ୟ ଭାବରେ ମନୋଜ ଦାସଙ୍କ ଦୀର୍ଘଦିନର ସମ୍ପର୍କ ଏକଡେମୀକୁ ପ୍ରେରଣା ଦେଇଆସୁଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନୋଜ ସାହିତ୍ୟର ବିଶିଷ୍ଟ ଗବେଷକ ପି. ରାଜା ମନୋଜ ଦାସଙ୍କୁ ସମକାଳ ଭାରତୀୟ ସାହିତ୍ୟର ଆଦର୍ଶ ବୋଲି କହିଥିଲେ। ସାହିତ୍ୟିକମାନଙ୍କୁ ନୂତନ ଭାବାଦର୍ଶରେ ମନୋଜ ଦାସ ଉଦ୍‌ବୁଦ୍ଧ କରାଇବାରେ ସକ୍ଷମ ଥିଲେ ବୋଲି ସେ କହିଥିଲେ। ବିଶିଷ୍ଟ ଲେଖିକା ପ୍ରଫେସର ସଂଯୁକ୍ତା ଦାଶଗୁପ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ମନୋଜ ଚେତନା ସମଗ୍ର ଭାରତୀୟ ସାହିତ୍ୟକୁ ଆହ୍ଲାଦିତ କରିଛି। ଇଂରାଜୀ ସାହିତ୍ୟକୁ ତାଙ୍କ ଅବଦାନ ଅନନ୍ୟ। ଅମରେଶ ପଟ୍ଟନାୟକ, ଗୌରହରି ଦାସ, ପ୍ରତିଭା ଶତପଥୀ, ତରୁଣକାନ୍ତି ମିଶ୍ର, ଫନୀ ମହାନ୍ତି, ମମତା ଦାଶ ଓ ମଣୀନ୍ଦ୍ର କୁମାର ମେହେର ପ୍ରମୁଖ  ବକ୍ତବ୍ୟ ଦେଇ ଦାର୍ଶନିକ ମନୋଜ ଦାସଙ୍କ ଜୀବନ ଓ ସାଧନାର ବିବିଧ ଦିଗକୁ ଆଲୋଚନା କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଶ୍ରୀ ଦାସଙ୍କ ମହନୀୟ ସାହିତ୍ୟ ସାଧନା ସବୁ ପୀଢ଼ିର ଲେଖକମାନଙ୍କୁ ଉତ୍ସାହିତ କରୁଥିଲା ବୋଲି କହିଥିଲେ। ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କେନ୍ଦ୍ର ସାହିତ୍ୟ ଅକାଦେମିର ଶୋକସଭା

Sambad 06.05.2021

# 'ମନୋଜ ଦାସ ଥିଲେ ଭାରତୀୟ ସାହିତ୍ୟର ଆଦର୍ଶ'




ଭୁବନେଶ୍ୱର, ୫/୫ (ଇମିସ): ମାନବ କଲ୍ୟାଣ ପାଇଁ ପ୍ରଖ୍ୟାତ ସାଧକ ମନୋଜ ଦାସଙ୍କ ସାଧନାର ପଟାନ୍ତର ନାହିଁ। ଭାବ ଚେତନାର ସେ ଥିଲେ ଉତ୍ତୁଙ୍ଗ ପୁରୁଷ। ମନୋଜ ଦାସ ଥିଲେ ସାରସ୍ୱତ ଯାଦୁକର। ଭାରତୀୟ ସାହିତ୍ୟକୁ ସେ ଏକ ନୂତନ ଦୃଷ୍ଟିକୋଣରୁ ଆଲୋକିତ କରିଥିଲେ ବୋଲି କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଅନୁଷ୍ଠିତ ଆୟୋଜିତ ଶୋକସଭାରେ ମତ ପ୍ରକାଶ ପାଇଛି।

କେନ୍ଦ୍ର ସାହିତ୍ୟ ଅକାଦେମି, ପକ୍ଷରୁ ଆଜି ଅପରାହ୍ଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାହିତ୍ୟ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସୂଚନା ପ୍ରଦାନକରି ସାହିତ୍ୟ ଅକାଦେମିର ମହତ୍ତର ସଦସ୍ୟ ଭାବରେ ମନୋଜ ଦାସଙ୍କ ଦୀର୍ଘଦିନର ସଂପର୍କ ଅକଦେମିକୁ ପ୍ରେରଣା ଦେଇଆସୁଥିଲା ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନୋଜ ସାହିତ୍ୟର ବିଶିଷ୍ଟ ଗବେଷକ ପି. ରାଜା ମନୋଜ ଦାସଙ୍କୁ ସମକାଳ ଭାରତୀୟ ସାହିତ୍ୟର ଆଦର୍ଶ ବୋଲି କହିଥିଲେ। ସାହିତ୍ୟିକ ମାନଙ୍କୁ ନୂତନ ଭାବାଦର୍ଶରେ ମନୋଜ ଦାସ ଉଦ୍‌ବୁଦ୍ଧ କରାଇବାରେ ସକ୍ଷମ ବୋଲି ସେ କହିଥିଲେ। ବିଶିଷ୍ଟ ଲେଖିକା ପ୍ରଫେସର ସଂଯୁକ୍ତା ଦାଶଗୁପ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣକରି କହିଲେ ଯେ ମନୋଜ ଚେତନା ସମଗ୍ର ଭାରତୀୟ ସାହିତ୍ୟକୁ ଆଚ୍ଛାଦିତ କରିଛି। ଇଂରାଜୀ ସାହିତ୍ୟକୁ ତାଙ୍କ ଅବଦାନ ଅନନ୍ୟ। ବିଶିଷ୍ଟ କଥାକାର ଡ. ଗୌରହରି ଦାସ କହିଥିଲେ ଯେ, ମନୋଜ ଦାସଙ୍କ ଜୀବନ ତିନିଟି ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ସମୁଦ୍ର , ପିଲାଦିନ ଓ ଗମ୍ଭୀର ଭାବନା। ଏହିଭଳି ଜଣେ ଖ୍ୟାତନାମା ସ୍ରଷ୍ଟାଙ୍କର କୌଣସି ମୃତ୍ୟୁ ନାହିଁ।

ଅନ୍ୟମାନଙ୍କ ମଧ୍ୟରେ, ଅମରେଶ ପଟ୍ଟନାୟକ, ପ୍ରତିଭା ଶତପଥୀ, ତରୁଣକାନ୍ତି ମିଶ୍ର, ଫନୀ ମହାନ୍ତି, ମମତା ଦାଶ ଓ ମଣୀନ୍ଦ୍ର କୁମାର ମେହେର ପ୍ରମୁଖ ବକ୍ତବ୍ୟଦେଇ ଦାର୍ଶନିକ ମନୋଜ ଦାସଙ୍କ ଜୀବନ ଓ ସାଧନାର ବିବିଧ ଦିଗକୁ ଆଲୋଚନା କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ମନୋଜ ଦାସଙ୍କ ମହନୀୟ ସାହିତ୍ୟ ସାଧନା ସବୁ ପିଢ଼ିର ଲେଖକମାନଙ୍କୁ ଉତ୍ସାହିତ କରୁଥିଲା ବୋଲି କହିଥିଲେ। ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# Prameya 06.05.2021

# ‘ମନୋଜ ଦାସ ଥିଲେ ଭାରତୀୟ ସାହିତ୍ୟର ଆଦର୍ଶ’

## କେନ୍ଦ୍ର ସାହିତ୍ୟ ଏକାଡେମୀର ଶୋକସଭା



କଟକ,୫।୫(ବ୍ୟୁରୋ): ମଣିଷ ସମାଜର ସାମଗ୍ରିକ କଲ୍ୟାଣ ପାଇଁ ପ୍ରଖ୍ୟାତ ସାଧକ ମନୋଜ ଦାସଙ୍କ ସାଧନାର ପଟାନ୍ତର ନାହିଁ। ଭାବ ଚେତନାର ସେ ଥିଲେ ଉତ୍ତୁଙ୍ଗ ପୁରୁଷ। ମନୋଜ ଦାସ ଥିଲେ ସାରସ୍ୱତ ଯାଦୁକର। ଭାରତୀୟ ସାହିତ୍ୟକୁ ସେ ଏକ ନୂତନ ଦୃଷ୍ଟିକୋଣରୁ ଆଲୋକିତ କରିଥିଲେ ବୋଲି ପ୍ରଖ୍ୟାତ ସାରସ୍ୱତ ସାଧକ ମନୋଜ ଦାସଙ୍କ ସ୍ମୃତିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଶୋକସଭାରେ ମତପ୍ରକାଶ ପାଇଛି।

ବୁଧବାର ଅପରାହ୍ନରେ ୱେବିନାର୍ ମାଧ୍ୟମରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ସାହିତ୍ୟିକ ଯୋଗ ଦେଇ ମନୋଜ ଦାସଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ଭାବବିହ୍ୱଳ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସୂଚନା ପ୍ରଦାନକରି ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟ (ଫେଲୋ) ଭାବରେ ମନୋଜ ଦାସଙ୍କ ଦୀର୍ଘଦିନର ସଂପର୍କ ଏକାଡେମୀ ଓ ଭାରତୀୟ ସାହିତ୍ୟ ଜଗତକୁ ଅଫୁରନ୍ତ ପ୍ରେରଣା ଦେଇଆସୁଥିଲା ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନୋଜ ସାହିତ୍ୟର ବିଶିଷ୍ଟ ଗବେଷକ ପି. ରାଜା ତାଙ୍କ ବକ୍ତବ୍ୟରେ ମନୋଜ ଦାସଙ୍କୁ ସମକାଳ ଭାରତୀୟ ସାହିତ୍ୟର ଆଦର୍ଶ ବୋଲି କହିଥିଲେ। ସାହିତ୍ୟିକ ମାନଙ୍କୁ ନୂତନ ଭାବାଦର୍ଶରେ ମନୋଜ ଦାସ ଉଦ୍‌ବୁଦ୍ଧ କରାଇବାରେ ପ୍ରଚଣ୍ଡ କ୍ଷମତା ରଖନ୍ତି ବୋଲି ସେ କହିଥିଲେ। ବିଶିଷ୍ଟ ଲେଖିକା ପ୍ରଫେସର ସଂଯୁକ୍ତା ଦାଶଗୁପ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ମନୋଜ ଚେତନା ସମଗ୍ର ଭାରତୀୟ ସାହିତ୍ୟକୁ ଆଚ୍ଛାଦିତ କରିଛି। ଇଂରାଜୀ ସାହିତ୍ୟକୁ ତାଙ୍କ ଅବଦାନ ଅନନ୍ୟ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ, କଥାକାର ଗୌରହରି ଦାସ, ପ୍ରତିଭା ଶତପଥୀ, ତରୁଣକାନ୍ତି ମିଶ୍ର, ଫନୀ ମହାନ୍ତି, ମମତା ଦାଶ ଓ ମଣୀନ୍ଦ୍ର କୁମାର ମେହେର ପ୍ରମୁଖ ବକ୍ତବ୍ୟ ଦେଇ ମନୋଜ ଦାସଙ୍କ ଜୀବନ ଓ ସାଧନାର ବିବିଧ ଦିଗ ଉପରେ ଆଲୋକପାତ କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ମନୋଜ ଦାସଙ୍କ ମହନୀୟ ସାହିତ୍ୟ ସାଧନା ସବୁପିଢ଼ିର ଲେଖକମାନଙ୍କୁ ଉତ୍ସାହିତ କରୁଥିଲା ବୋଲି କହିଥିଲେ। ଏକାଡେମୀର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

8:45 Sakala 06.05.2021

# ‘ମନୋଜ ଦାସ ଥିଲେ ଭାରତୀୟ ସାହିତ୍ୟର ଆଦର୍ଶ’

କଟକ,୫ ।୫(ସମିସ)

ମାନବ କଲ୍ୟାଣ ପାଇଁ ପ୍ରଖ୍ୟାତ ସାରସ୍ୱତ ସାଧକ ମନୋଜ ଦାସଙ୍କ ସାଧନାର ପଟ୍ଟାନ୍ତର ନାହିଁ। ଭାବ ଚେତନାର ସେ ଥିଲେ ଉତ୍ତୁଙ୍ଗ ପୁରୁଷ। ମନୋଜ ଦାସ ଥିଲେ ସାରସ୍ୱତ ଯାଦୁକର। ଭାରତୀୟ ସାହିତ୍ୟକୁ ସେ ଏକ ନୂତନ ଦୃଷ୍ଟିକୋଣରୁ ଆଲୋକିତ କରିଥିଲେ ବୋଲି କେନ୍ଦ୍ର ସାହିତ୍ୟ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଆୟୋଜିତ ୱେବିନାରରେ ମତପ୍ରକାଶ ପାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାହିତ୍ୟ କେନ୍ଦ୍ର ସାହିତ୍ୟ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସୂଚନା ପ୍ରଦାନ କରି ସାହିତ୍ୟ ଅକାଦେମିର ମହତ୍ତର ସଦସ୍ୟ ଭାବରେ ମନୋଜ ଦାସଙ୍କ ଦୀର୍ଘଦିନର ସଂପର୍କ




କେନ୍ଦ୍ର ସାହିତ୍ୟ ଅକାଦେମିକୁ ପ୍ରେରଣା ଦେଇଆସୁଥିଲା ବୋଲି କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଗବେଷକ ପି. ରାଜା ମନୋଜ ଦାସଙ୍କ ସମକାଳ ଭାରତୀୟ ସାହିତ୍ୟର ଆଦର୍ଶ ବୋଲି କହିଥିଲେ। ସାହିତ୍ୟିକ ମାନଙ୍କୁ ନୂତନ ଭାବାଦର୍ଶରେ ମନୋଜ ଦାସ ଉଦ୍‌ବୁଦ୍ଧ କରାଇବାରେ କ୍ଷମ ବୋଲି ସେ କହିଥିଲେ। ବିଶିଷ୍ଟ ଲେଖିକା ପ୍ରଫେସର ସଂଯୁକ୍ତା ଦାଶଗୁପ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ମନୋଜ ଚେତନା ସମଗ୍ର ଭାରତୀୟ ସାହିତ୍ୟକୁ ଆହ୍ଲାଦିତ କରିଛି। ଇଂରାଜୀ ସାହିତ୍ୟକୁ ତାଙ୍କ ଅବଦାନ ଅନନ୍ୟ। ଅମରେଶ ପଟ୍ଟନାୟକ, ଗୌରହରି ଦାସ, ପ୍ରତିଭା ଶତପଥୀ, ତରୁଣକାନ୍ତି ମିଶ୍ର, ଫନୀ ମହାନ୍ତି, ମମତା ଦାଶ ଓ ମଣୀନ୍ଦ୍ର ମେହେର ପ୍ରମୁଖ ବକ୍ତବ୍ୟ ଦେଇ ଦାର୍ଶନିକ ମନୋଜ ଦାସଙ୍କ ଜୀବନ ଓ ସାଧନାର ବିବିଧ ଦିଗକୁ ଆଲୋଚନା କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ମନୋଜ ଦାସଙ୍କ ମହନୀୟ ସାହିତ୍ୟ ସାଧନା ସବୁପିଢ଼ିର ଲେଖକଙ୍କୁ ଉତ୍ସାହିତ କରୁଥିଲା ବୋଲି କହିଥିଲେ। ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।